## ସଂକ୍ଷେପରେ

### ସାପକାମୁଡ଼ାରେ ନାବାଳକ ମୃତ

ଉମରକୋଟ, ୨୦।୯(ସ୍ୱ.ପ୍ର.)- ବିଷାକ୍ତ ସାପକାମୁଡ଼ାରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡ଼ଭରଣ୍ଡି ପଞ୍ଚାୟତ ଅଧୀନ ଦାଢ଼ିଗୁଡ଼ା ଗ୍ରାମର ପୂର୍ଣ୍ଣ ମାଳୀଙ୍କ ପୁଅ କେମା(୧୬)ଙ୍କର ମୃତ୍ୟୁ ହୋଇଛି। କେମା ବଡ଼ଭରଣ୍ଡି ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିଲେ। ପରିବାର ଲୋକଙ୍କ ତଥ୍ୟାନୁଯାୟୀ, ସୋମବାର ରାତିରେ ଖାଇପିଇ ସମସ୍ତେ ଶୋଇଥିଲେ। କେମା ସକାଳୁ ଉଠିବାବେଳେ ତାଙ୍କ ମୁଣ୍ଡ ବୁଲେଇବା ସହ ସ୍ୱାସ୍ଥ୍ୟାବସ୍ଥା ଭଲ ଲାଗୁନାହିଁ ବୋଲି କହିଥିଲେ। କେମାଙ୍କ ବାମ ଗୋଡ଼ ଗୋଇଠି ପାଖରେ ସାପକାମୁଡ଼ା ଦାଗ ଦେଖି ବାପା ପୂର୍ଣ୍ଣ ମାଳୀ ସକାଳ ୭ରେ ତାଙ୍କୁ ଉମରକୋଟ ଡାକ୍ତରଖାନାକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ଡାକ୍ତର ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଉମରକୋଟ ପୋଲିସ ୭୨/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ଡିଏଲ୍ଏସ୍‌ର ସଚେତନତା ଶିବିର

ନବରଙ୍ଗପୁର, ୨୦।୯(ବି.ପ୍ର.)- ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ଘାଟଗୁଡା ପଞ୍ଚାୟତ ସମ୍ମିଳନୀ କକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା, ସ୍ଥାୟୀ ଲୋକ ଅଦାଲତ ଓ ସାର୍ବଜନୀକ ଉପୋଯୋଗୀତା ସେବା ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲା ଆଇନ ସେବା ପ୍ରାଧୀକରଣ(ଡିଏଲ୍ଏସ୍) ଅଧକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଡିଏଲ୍ଏସ୍ ସଚିବ ଜନକ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାୟୀ ଲୋକ ଅଦାଲତ ଓ ସାର୍ବଜନୀକ ଉପୋଯୋଗୀତା ସେବା ଉପରେ ଲୋକମାନଙ୍କୁ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ପାପଡାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇ, ପାପଡାହାଣ୍ଡି ଏସ୍‌ଡିପିଓ ଅଦିତ୍ୟ ସେନ୍, ଆଇନଜୀବୀ ରାଜକିଶୋର ନାଗ ଓ ମୀନାକ୍ଷୀ ପାଢୀ, ସାମାଜିକ କର୍ମୀ ମନୋରମା ମାଝି, ଚାଇଲ୍ଡ ଲାଇନ ଜିଲା ସଂଯୋଜକ ରବୀନ୍ଦ୍ର ପ୍ରଧାନ, ଘଟଗୁଡା ସରପଞ୍ଚ ପୂର୍ଣ୍ଣିମା ଭତରା, ଘାଟଗୁଡା ସରପଞ୍ଚ, ପାରା ଲିଗାଲ ସଦସ୍ୟ ରାଜକିଶୋର ପ୍ରମୁଖ ଯୋଗ ଦେଇଥିଲେ।

### ସାନଭରଣ୍ଡିରୁ ୧୨୭ ୟୁନିଟ୍ ରକ୍ତ ସଂଗ୍ରହ

ଉମରକୋଟ, ୨୦।୯(ସ୍ୱ.ପ୍ର.)- ପୂଜାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଭୟ କୁମାର ଦେଙ୍କ ନେତୃତ୍ୱରେ ଉମରକୋଟ ବ୍ଲକ୍ ଅଧୀନ ସାନଭରଣ୍ଡି ସ୍କୁଲ ପରିସରରେ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୨୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ



କରିଥିଲେ। ଉମରକୋଟ ବ୍ଲକ ଅଧକ୍ଷ ସୁଶୀଳା ମାଝି, ଉପାଧକ୍ଷ ଶ୍ୟାମଳ ସରକାର ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କାରଗାଁ ସେକ୍ଟର ଓ ବଡ଼ଭରଣ୍ଡି ପିଏଚ୍‌ସିର ସମସ୍ତ କର୍ମଚାରୀ, ଆଶା, ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଡାଳିମ୍ବ ଭତ୍ରା, ବଡ଼ଭରଣ୍ଡି ସମିତି ସଭ୍ୟା ଗୌରୀ ମାଝି, ସରପଞ୍ଚ ଦୁର୍ଯ୍ୟୋଧନ ଗଣ୍ଡ, ସଞ୍ଜୟ ଗୁପ୍ତା, ବାପି ସିଲ, ରବି ଧଳ, ରମେଶ କୌଶଳ, ଟଙ୍କଧର ଗୌଡ଼ ଉପସ୍ଥିତ ଥିଲେ।

# ଶିଶୁ ସୁରକ୍ଷା କମିଟି ଭାବେ କାମ କରିବ ଗାଁ କଲ୍ୟାଣ ସମିତି

ନବରଙ୍ଗପୁର,୨୦।୯ (ବି.ପ୍ର.)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତୀକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲ୍ଡ ଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମ୍ପର୍କ ରଖି ସମସ୍ତ ଶିଶୁଙ୍କୁ ସୁରକ୍ଷା ଦେବା ସହିତ ନବରଙ୍ଗପୁର ଜିଲାକୁ ବାଲ୍ୟବିବାହ ମୁକ୍ତ କରିବା ଦିଗରେ ଏହି ସମନ୍ୱୟ ବୈଠକ ସହାୟକ ହେବ ବୋଲି ଜିଲାପାଳ କହିଛନ୍ତି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶାନୁଯାୟୀ ଜିଲାରେ ଥିବା ଗାଁ କଲ୍ୟାଣ ସମିତିଗୁଡ଼ିକ ଶିଶୁ ମଙ୍ଗଳ ଓ ଶିଶୁ ସୁରକ୍ଷା କମିଟି ଭାବେ କାର୍ଯ୍ୟ କରିବ। ଏହି କମିଟିର ବୈଠକ ସମସ୍ତ ରାଜସ୍ୱ ଗ୍ରାମରେ କରାଯିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।




ବୈଠକରେ ଜିଲାପାଳ, ଅଧିକାରୀ ଓ ଅନ୍ୟମାନେ।

ଜିଲାର ୧୦ ବ୍ଲକ ଓ ୧୮୯ ପଞ୍ଚାୟତସ୍ତରରେ ଅନୁରୂପଭାବେ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତୀକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କ ଫୋର୍ସ, ଶିଶୁ ଶ୍ରମିକ ନିରାକରଣ କମିଟିର ବୈଠକ ଅନୁଷ୍ଠିତ ହୋଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ କହିଥିଲେ। ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଚଳିତ ବର୍ଷ ଜିଲାରେ ମୋଟ ୨୨୫ ବାଲ୍ୟବିବାହକୁ ବନ୍ଦ କରାଯାଇଛି। ଆଜି ପର୍ଯ୍ୟନ୍ତ ୪୫୫ଟି ରାଜସ୍ୱ ଗ୍ରାମ ଓ ୪୨୬ ପଡ଼ାଗ୍ରାମକୁ (ମୋଟ ୮୮୧ଗାଁ) ପ୍ରଶାସନ ତରଫରୁ ବାଲ୍ୟବିବାହ ମୁକ୍ତ ଗ୍ରାମ ଭାବରେ ଘୋଷଣା କରାଯିବ ବୋଲି ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ କହିଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ସମାଜ କଲ୍ୟାଣ ବିଭାଗ, ୟୁନିସେଫ୍ ଓ ଆକ୍ସନଏଡ୍‌ର ମିଳିତ ପ୍ରୟାସରେ ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତି କରାଯାଇ ଗ୍ରାମଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ଚାଲୁଥିବା ସେ ସୂଚନା ଦେଇଥିଲେ। ପରେ ଆକ୍ସନଏଡ୍ ଜିଲା ପରାମର୍ଶଦାତା ଫକିର ଚରଣ ରାଉତ ଶିଶୁମାନଙ୍କର ସୁରକ୍ଷା ଓ ବାଲ୍ୟ ବିବାହ ସମାପ୍ତି ଉଦ୍ଦେଶ୍ୟରେ ଜିଲାରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ବୈଠକରେ ଉପସ୍ଥାପନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷ ଦିବାକର ବାହୁକ, ଡିଏସ୍‌ପି ଚନ୍ଦ୍ରଶେଖର ହୋତା, ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଡା. ମଳୟ ତ୍ରିପାଠୀ, ସହକାରୀ ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ, ସହକାରୀ ଶ୍ରମାଧିକାରୀ ଛୋଟରାୟ ଟୁଡୁ , ସହାୟକ ଯୋଗାଣ ଅଧିକାରୀ ଲକ୍ଷ୍ମଣ ରାଓ, ବାଲ୍ୟବିବାହ ନିଷେଧ ଅଧିକାରୀ ସୁନିତା ଦେବୀ ତ୍ରିପାଠୀ,ଏସ୍.ଏ. ଗୀତା, ଶୈଳେନ୍ଦ୍ରୀ ମହାନନ୍ଦ, ଯମୁନା ଭତ୍ରା, ଗୀତା ମହାରଣା, ବିରଜା ମୋହିନୀ ପାଙ୍ଗୀ,କାଞ୍ଚନ ପଣ୍ଡା ,ଗୀତାଞ୍ଜଳି ମିଶ୍ର, ସୁରମା ମହାପାତ୍ର , ପ୍ରୋଟେକ୍ସନ ଅଫିସର ବଳାପଦ୍ମା, ଚାଇଲ୍ଡ ଲାଇନ ସଂଯୋଜକ ରବୀନ୍ଦ୍ର ପ୍ରଧାନ, ୱାନ୍‌ଷ୍ଟପ୍ କେନ୍ଦ୍ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସହାୟକ ସମାଜ କଲ୍ୟାଣ ଅଧିକାରୀ ମଧୁସୂଦନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ନିର୍ଦ୍ଦୋଷରେ ଖଲାସ

ଗୁଣପୁର,୨୦।୯(ଡି.ଏନ୍.ଏ.)

**ମୁଟିଗୁଡା ଜଙ୍ଗଲରୁ ବିସ୍ଫୋରକ ସାମଗ୍ରୀ ଜବତ ଘଟଣା**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ମୁଟିଗୁଡା ଜଙ୍ଗଲରୁ ବିସ୍ଫୋରକ ସାମଗ୍ରୀ ଜବତ ଘଟଣାରେ ମାଓବାଦୀ ନେତା ସବ୍ୟସାଚି ପଣ୍ଡା ନିର୍ଦ୍ଦୋଶରେ ଖଲାସ ହୋଇଛନ୍ତି। ଏ ନେଇ ଗୁଣପୁର ଏଡିଜେ ମାନସ ରଞ୍ଜନ ରଥ ରାୟ ଶୁଣାଇଥିବା ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ଗତ ୨୦୧୩ ମାର୍ଚ୍ଚ ୬ରେ ସିଆରପିଏଫ୍‌ର ଆସିଷ୍ଟାଣ୍ଡ କମାଣ୍ଡାଣ୍ଟଙ୍କ ନେତୃତ୍ୱରେ ମୁଟିଗୁଡା ଜଙ୍ଗଲରେ କୋମ୍ବିଂ ଅପରେଶନ ଚାଲିଥିବାବେଳେ ବିସ୍ଫୋରକ ସାମଗ୍ରୀ ସହ ମାଓବାଦୀ ସାମଗ୍ରୀ ଜବତ ହୋଇଥିଲା। ଏହିମାମଲାରେ ମଧ ସବ୍ୟସାଚି ଜଡିତ ଥିବା ପୋଲିସ ଚାର୍ଜସିଟ ଦାଖଲ କରିଥିଲା। ଚନ୍ଦ୍ରପୁର ଥାନାରେ ଏ ନେଇ ମାମଲା ରୁଜୁ ହୋଇଥିଲା। ସବ୍ୟସାଚି ଗିରଫ ହେବା ପରେ ମାମଲାର ବିଚାରଣା ଗୁଣପୁର ଏଡିଜେଙ୍କ କୋର୍ଟରେ ହୋଇଥିଲା। ବିଚାରଣାସମୟରେ ୨୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସମସ୍ତସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏଡିଜେ ରାୟ ଶୁଣାଇଥିଲେ। ସାକ୍ଷ୍ୟ ପ୍ରମାଣ ଅଭାବରୁ ସବ୍ୟସାଚିଙ୍କୁ କୋର୍ଟ ପକ୍ଷରୁ ନିର୍ଦ୍ଦୋସରେ ଖଲାସ କରାଯାଇଛି।

# ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ କରିବା ନେଇ ଆଲୋଚନା

ରାୟଗଡ଼ା ଅଫିସ, ୨୦।୯

**'ସକ୍ଷମ'ର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ**

ସକ୍ଷମ ଅନୁଷ୍ଠାନ ପକ୍ଷରୁ ଏକ ୩ଦିନିଆ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସମ୍ମିଳନୀ କେରଳର କୋଚି ସ୍ଥିତ ଭାସ୍କରିୟମ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସକ୍ଷମ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଚିବ ରାମଚନ୍ଦ୍ର ସାହୁ, ରାଜ୍ୟ ସଂରକ୍ଷକ ବାଦଲ ତା, ପ୍ରାନ୍ତ କୋଷାଧକ୍ଷ ବିଜୟ ମିଶ୍ର ଏବଂ ପ୍ରାନ୍ତ ଯୁବ ପ୍ରମୁଖ ଶ୍ୟାମ କୁମାର ଦାଶ ସାମିଲ ହୋଇଛନ୍ତି। ଏହି ସମ୍ମିଳନୀରେ ଦିବ୍ୟାଙ୍ଗମାନେ କିପରି ସରକାରୀ ଯୋଜନା ପାଇବେ, ସ୍ୱାବଲମ୍ବୀ ହେବେ, ପ୍ରତ୍ୟେକଟି କ୍ଷେତ୍ରରେ କିପରି ସୁଯୋଗ ପାଇବେ ଓ ତତ୍‌ସହିତ ସକ୍ଷମ ଅନୁଷ୍ଠାନ କିପରି ପ୍ରତ୍ୟେକ ଦିବ୍ୟାଙ୍ଗଙ୍କ ପାଖରେ ପହଞ୍ଚିପାରିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲା ଓ ପ୍ରାନ୍ତସ୍ତରରେ ବିଭିନ୍ନ ପ୍ରକୋଷ୍ଠ ମାଧ୍ୟମରେ ଦିବ୍ୟାଙ୍ଗ ସେବା କେନ୍ଦ୍ରମାନ ପ୍ରତିଷ୍ଠା କରି ୨୧ ପ୍ରକାର ଦିବ୍ୟାଙ୍ଗଙ୍କୁ ସେବା ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଛି।

# ନାଚ, ଗୀତରେ ଅହିଂସା ରଥକୁ ସ୍ୱାଗତ

ମୁନିଗୁଡା/ଚନ୍ଦ୍ରପୁର(ଡି.ଏନ୍.ଏ.)/ ରାୟଗଡ଼ା ଅଫିସ, ୨୦।୯

ରାୟଗଡ଼ା ଜିଲାର ଚନ୍ଦ୍ରପୁରରେ ଅହିଂସା ରଥକୁ ସ୍ୱାଗତ କରାଯାଇଛି। ଚନ୍ଦ୍ରପୁର ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗଙ୍କ ତତ୍ତ୍ୱାଧାନରେ ଚନ୍ଦ୍ରପୁର ଅଞ୍ଚଳରେ ଦୁଇଟି ରଥ ବିଭିନ୍ନ ଦୁର୍ଗମ ଅଞ୍ଚଳ ପରିକ୍ରମା କରି ଅହିଂସା ବାର୍ତ୍ତା ପ୍ରଚାର କରିଥିଲା। ଗୋଟିଏ ରଥ ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ସଂସ୍କୃତି ସଂଯୋଜକ ମାଲ ବିଷୋୟୀ, ଚନ୍ଦ୍ରପୁର ବ୍ଲକ ସହକାରୀ ଯନ୍ତ୍ରୀଙ୍କ ପରିଚାଳନାରେ ଡଙ୍ଗସୋରଡ଼ା, ହନୁମନ୍ତପୁର, ରାଇବିଜି ଆଦି ଗସ୍ତ କରିଥିଲା। ଡଙ୍ଗସୋରଡାରେ ବିଭିନ୍ନ ଅନୁଷ୍ଠାନ, ଛାତ୍ରୀଛାତ୍ର, ଏସ୍‌ଏଚ୍‌ଜି, ନୃତ୍ୟ ଦଳଙ୍କ ପକ୍ଷରୁ ଅହିଂସା ରଥକୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ହନୁମନ୍ତପୁରରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, ସାମାଜିକ କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଅହିଂସା ରଥକୁ ଭବ୍ୟ ସ୍ୱାଗତ ଜଣାଇ ଥଲେ। ପରେ ରଥ ରାଇବିଜି ଅଞ୍ଚଳ ଗସ୍ତ କରିଥିଲା। ସେଠାରେ ସିଆରପିଏଫ୍ କମାଣ୍ଡାଣ୍ଟ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ସହ ସିଆରପିଏଫ୍‌ର ସମସ୍ତ ଅଧିକାରୀ, କର୍ମଚାରୀ ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସିଆରପିଏଫ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଅନ୍ୟ ଏକ ରଥକୁ ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ପ୍ରକ୍ଷେପକ ପୀତବାସ ବିଶ୍ୱାଳ, ସଂଯୋଜକ କାହ୍ନୁ ପ୍ରଧାନଙ୍କ ତତ୍ତ୍ୱାଧାନରେ ଚନ୍ଦ୍ରପୁର ବ୍ଲକର ନେହେରୁ ପାଙ୍ଗା, ଚନ୍ଦ୍ରପୁର ସଦର ଆଦି ପରିକ୍ରମା କରାଯାଇଥିଲା। ନେହେରୁପାଙ୍ଗାରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର ପ୍ରମୁଖ ରଥକୁ ସ୍ୱାଗତ ଜଣାଇ ଥିଲେ। ନେହେରୁପାଙ୍ଗା ଆଶ୍ରମ ବିଦ୍ୟାଳୟର ପରିସରରେ ଏକ ସଭା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ର ମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଚନ୍ଦ୍ରପୁର ସଦର ମହକୁମାରେ ଚନ୍ଦ୍ରପୁର ବ୍ଲକ ଅଧକ୍ଷ, ଉପାଧକ୍ଷ, ବିଡିଓ, ତହସିଲଦାର, ଥାନାଧିକାରୀ, ମେଡିକାଲ ଅଫିସର, ବିଇଓ ପ୍ରମୁଖ ଉପସ୍ଥିତ ରହି ଏକ ବର୍ଣ୍ଣାଢ୍ୟ ପରିବେଶରେ ରଥକୁ ସ୍ୱାଗତ ଜଣାଇ ଥିଲେ।



ଛାତ୍ରୀଛାତ୍ରମାନେ ଅହିଂସା ରଥକୁ ସ୍ୱାଗତ କରିବାବେଳେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ଅତିରିକ୍ତ ଜିଲାପାଳଙ୍କ ଜବାଗୁଡା ୫–ଟି ସ୍କୁଲ ପରିଦର୍ଶନ

ଡାବୁଗାଁ, ୨୦।୯ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜବାଗୁଡା ପଞ୍ଚାୟତ ସଦର ମହକୁମାସ୍ଥିତ ୫–ଟି ଯୋଜନା ଅଧୀନ ଜବାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟକୁ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତ ମଙ୍ଗଳବାର ଅଚାନକ ଗସ୍ତ କରି ପରିଦର୍ଶନ କରିଛନ୍ତି। ସେ ୯ମ ଓ ୧୦ମ ଶ୍ରେଣୀର ଡିଜିଟାଲ ଶ୍ରେଣୀ ଗୃହରେ ଛାତ୍ରୀଛାତ୍ରମାନେ ପାଠ ପଢୁଥିବା ଦେଖିଥିଲେ। ଶ୍ରେଣୀ ଗୃହ କୁ ଯାଇ ପିଲା ମାନଙ୍କୁ ପାଠ ପଢା ବିଷୟରେ ପଚାରି ବୁଝିଥିଲେ। ବିଭିନ୍ନ ଖାତା ପତ୍ର ଯାଞ୍ଚ କରିଥିଲେ। ଏହି ଗସ୍ତ ସମୟରେ ଡାବୁଗାଁ ତହସିଲଦାର ଭବାନୀ



ଶଙ୍କର ମିଶ୍ର, ଅତିରିକ୍ତ ତହସିଲଦାର ସତିଶ କୁମାର ବାଇନି, ଜବାଗୁଡା ସରପଞ୍ଚ ଗୋମତୀ ଭତ୍ରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମାଳୀଙ୍କ ସମେତ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଦରଗୁଲା ନଦୀଶଯ୍ୟା ବାଲୁକା ଖଣି ଜନଶୁଣାଣି

ଡାବୁଗାଁ, ୨୦।୯ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜବାଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଦରଗୁଲା ନଦୀ ଶଯ୍ୟା ବାଲୁକା ଖଣି ଉପରେ ଏକ ଜନ ଶୁଣାଣୀ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ସହ ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ଜିତେଶ ବିଶ୍ୱାଳ, ଡାବୁଗାଁ ତହସିଲଦାର ଭବାନୀ ଶଙ୍କର ମିଶ୍ର ଉପସ୍ଥିତ ଥିଲେ। ଏଥିରେ ଗ୍ରାମବାସୀଙ୍କ ଆପତ୍ତି ଅଭିଯୋଗ ନେଇ ସମାଧାନ କରାଯାଇଛି। ଦରଗୁଲା ନଦୀ ଶଯ୍ୟାର ୨ଟି ବାଲୁକା ଖଣି ନିଲାମ ଦିଆଯାଇଥିବା ନେଇ ଗ୍ରାମବାସୀଙ୍କୁ ଜଣାଇ ଦିଆଯାଇଥିଲା। ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ସତିଶ କୁମାର ବାଇନି, ଜବାଗୁଡା ସରପଞ୍ଚ ଗୋମତୀ ଭତ୍ରା, ରାଜସ୍ୱ ନିରିକ୍ଷକ ହରିବାନ୍ଧୁ ରନ୍ଧାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମାଳୀ ଓ ପ୍ରାୟ ୨୦୦ ଗ୍ରାମବାସୀ ଉପସ୍ଥିତ ଥିଲେ।



ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଗ୍ରାମବାସୀ।

## ସାପ୍ତାହିକ ହାଟ ବନ୍ଦ ପାଇଁ ବିଜ୍ଞପ୍ତି ଜାରି

ରାୟଗଡା ଅଫିସ, ୨୦।୯

ଗୃହ ପାଳିତ ପ୍ରାଣୀଙ୍କ ସପ୍ତାହିକ ହାଟକୁ ବନ୍ଦ କରିବାକୁ ଜିଲାପାଳ ସ୍ୱଧାଦେବ ସିଂ ବିଜ୍ଞପ୍ତି ଜାରି କରିଛନ୍ତି। ଆଗାମୀ ବିଜ୍ଞପ୍ତି ପ୍ରକାଶିତ ନ ହେବା ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖାଯିବ ବୋଲି କୁହାଯାଇଛି। ଆନ୍ଧ୍ରପ୍ରଦେଶ ଜିଲାର ଶ୍ରୀକାକୁଳମରେ ଗାଈଙ୍କଠାରେ ଲମ୍ପି ସ୍କିନ ରୋଗ ଦେଖା ଦେଇଛି। ପୂର୍ବ ପ୍ରସ୍ତୁତି ହିସାବରେ ଆନ୍ଧ୍ରରୁ ରାୟଗଡାକୁ ଗାଈ ଆସୁଥିଲେ। ତେଣୁ ଗୃହ ପାଳିତ ପ୍ରାଣୀଙ୍କୁ ନେବା ଆଣିବା ସ୍ଥଗିତ ପାଇଁ ନୋଟିସ କରିଛନ୍ତି ଜିଲାପାଳ। ଏଥିସହ ସାପ୍ତାହିକ ହାଟ ବନ୍ଦ ପାଇଁ ମଧ ଜିଲା ଭେଟିନାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସ୍ଥିତି ଅନୁଧ୍ୟାନ କଲେ ଲିଡ୍ ବ୍ୟାଙ୍କ ମ୍ୟାନେଜର



ଘଟଣାର ତଦନ୍ତ କରିବାକୁ ଆସିଥିବା ଅଧିକାରୀ।

ନବରଙ୍ଗପୁର,୨୦।୯(ବି.ପ୍ର.)

**ମୃତ ଚାଷୀଙ୍କ ଆକାଉଣ୍ଟରୁ ଟଙ୍କା ଉଠିବା ସହ ଡିପୋଜିଟ୍ ଘଟଣା**

ପାପଡାହାଣ୍ଡି କେସିସି ବ୍ୟାଙ୍କରେ ମୃତ ବ୍ୟକ୍ତିଙ୍କ ଆକାଉଣ୍ଟରୁ ଟଙ୍କା ଉଠିବା ଓ ପରେ ଉକ୍ତ ଟଙ୍କା ଦୁଇଟି ପର୍ଯ୍ୟାୟରେ ଜମା ହେବା ଘଟଣାର ତଦନ୍ତ କରିଛନ୍ତି ନବରଙ୍ଗପୁର ଲିଡ଼ ବ୍ୟାଙ୍କ ମ୍ୟାନେଜର ସୁନୀଲ କୁମାର ଜାମଦା। ସେ ପାପଡାହାଣ୍ଡି କେସିସି ବ୍ୟାଙ୍କ ଯାଇ ମ୍ୟାନେଜର ପଲ୍ଲବୀ ଏପତିଙ୍କ ସହ ଘଟଣା ସମ୍ପର୍କରେ ପଚାରି ବୁଝିଛନନ୍ତି। ଧରିତ୍ରୀରେ ପ୍ରକାଶିତ ଖବର ନେଇ ମ୍ୟାନେଜର ସୁନୀଲ ତନାଘନା କରିଥିଲେ। ଏହି ଘଟଣାକୁ ନେଇ କେସିସି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦର୍ଶାଇ ଦିଆଯିବ। ଏହାର ତଦନ୍ତ ହେବାପରେ ସତ୍ୟାସତ୍ୟ ଜଣାପଡିବ। ସେ ଏହାର ସମ୍ପୂର୍ଣ୍ଣ ତଦନ୍ତ କରି ପାରିବେ ନାହିଁ। ବ୍ୟାଙ୍କ କର୍ତ୍ତୃପକ୍ଷ ହିଁ ଏହାର ତଦନ୍ତ କରିବେ ବୋଲି ସେ କହିଥିଲେ।

୨୦୨୦ ଅକ୍ଟୋବର ମାସରେ ମୃତ ସନସିଂ ମାଝିଙ୍କ କେସିସି ବ୍ୟାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୪୭ ହଜାର ଟଙ୍କା ୨୦୨୨ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଉଠା ଯାଇଥିଲା। ବ୍ୟାଙ୍କ ମ୍ୟାନେଜର ପଲ୍ଲବୀ ଏପାଟି ଖାତାଧାରୀ ହିଁ ଆସି ଟଙ୍କା ଉଠାଇଥିବା କହିଥିଲେ । ସନସିଂଙ୍କ ପୁଅ ନିକଞ୍ଜ ୧୩ ତାରିଖରେ ବ୍ୟାଙ୍କ କର୍ମଚାରୀ ଚଞ୍ଚକତା କରି ଟଙ୍କା ଉଠାଇଥିବା ଅଭିଯୋଗ କରିଥିଲେ। ମୃତ ସନସିଂଙ୍କ ବ୍ୟାଙ୍କ ଆକାଉଣ୍ଟରେ ଚଳିତ ମାସ ୧୩ରେ ୮୭ ହଜାର ଓ ୧୫ ତାରିଖ ଦିନ ୬୦ ହଜାର ଟଙ୍କା ଜମା କରାଯାଇଛି। ମୃତ୍ୟୁ ପ୍ରମାଣ ପତ୍ର, ଆଧାର କାର୍ଡ ଆଦି ବ୍ୟାଙ୍କରେ ଦାଖଲ ପରେ ମଧ ମୃତକଙ୍କ କେସିସି ବ୍ୟାଙ୍କ ଆକାଉଣ୍ଟରେ ଦୁଇଟି ତାରିଖରେ ନଗଦ ଟଙ୍କା ଜମା କିଭଳି ହୋଇଛି ବୋଲି ପରିବାର ଲୋକେ ପ୍ରଶ୍ନ କରିଛନ୍ତି। ଜମା କରିଥିବା ବ୍ୟକ୍ତି ଜଣକ ତାଙ୍କର ପ୍ୟାନ କାର୍ଡ କିମ୍ବା ଅନ୍ୟ ପରିଚୟ ପତ୍ର ବ୍ୟାଙ୍କକୁ ପ୍ରଦାନ କରିଛନ୍ତିକି ନାହିଁ ତାହା ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। କେଉଁ ବ୍ୟାଙ୍କ କର୍ମଚାରୀ ଟଙ୍କା ରିସିଭ କଲେ, ଜମା କିଥିବା ବ୍ୟକ୍ତିଙ୍କ ଦସ୍ତଖତ ଓ ସିସି ଫୁଟେଜ ଯାଞ୍ଚ କଲେ ସମସ୍ତ ତଥ୍ୟ ପଦାକୁ ଆସିବ। ଏହି ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯିବାକୁ ଦାବି ହେଉଛି।

ପ୍ରକାଶ ଯେ, କେୱାଇସି, ଫଟୋ, ଆଧାର ଲିଙ୍କ ଚଞ୍ଚକତା କରି ବ୍ୟାଙ୍କ କର୍ମଚାରୀ ମୃତ ବ୍ୟକ୍ତିଙ୍କ ନାଁରେ ଲକ୍ଷାଧିକ ଟଙ୍କା ଉଠାଇଥିବା ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଧରିତ୍ରୀରେ ଖବର ପ୍ରକାଶ ପାଇଛି। ପ୍ରକାଶିତ ଖବରକୁ ନେଇ ଜିଲାପାଳ କମଳ ଲୋଚନ ମିଶ୍ର ୧୬ ତାରିଖରେ ଚିଠି ନମ୍ବର ୬୪୬/୨୨ ଅନୁଯାଇ କୋରାପୁଟ ଜିଲା ଜୟପୁର କେସିସି ବ୍ୟାଙ୍କ ସମ୍ପାଦକଙ୍କୁ ତଦନ୍ତ କରିବାକୁ ଚିଠି ମାଧ୍ୟମରେ ଜଣାଇଥିଲେ। କେସିସି ବ୍ୟାଙ୍କ ସମ୍ପାଦକ କୃଷ୍ଣଚନ୍ଦ୍ର ଦାନି ଏକ କମିଟି ମାଧ୍ୟମରେ ବ୍ୟାଙ୍କର ନିୟମ ଅନୁଯାୟୀ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# କତୁରୁ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା ରୁଜୁ

ଗୁଣପୁର,୧୯।୯(ଡି.ଏନ୍.ଏ.)

**ଗୁଣପୁରଠାରେ ଜିଲାପାଳଙ୍କ ରାସ୍ତା ଅବରୋଧ କରିବା ଘଟଣା**

ରାୟଗଡା ଜିଲା ଗୁଣପୁରରେ ଜିଲାପାଳଙ୍କ ରାସ୍ତା ଅବରୋଧ କରିବା ଘଟଣାରେ ପୋଲିସ କତୁରୁ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା ରୁଜୁ କରିଛି। ବଂଶଧାରା ନଦୀ ବାଲି ଶଯ୍ୟାରୁ ବାଲି ଉଠାଣକୁ ନେଇ କତୁରୁ ଗ୍ରାମବାସୀ ସୋମବାର ଜିଲାପାଳ ସ୍ୱଧାଦେବ ସିଂଙ୍କୁ ବିରୋଧ କରିବା ସହ ରାସ୍ତା ଅବରୋଧ କରିଥିଲେ। ଏଥିସହ ଜିଲାପାଳଙ୍କ ବିରୋଧରେ ଲୋକମାନେ ନାରାବାଜି କରିଥିଲେ। ଏହି ଘଟଣାକୁ ପ୍ରଶାସନ ଏବଂ ପୋଲିସ ଗୁରୁତର ସହ ନେଇ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା ରୁଜୁ କରିଥିବା ଗୁଣପୁର ଥାନାଧିକାରୀ ନିଳାମ୍ବର ଜାନି କହିଛନ୍ତି। ଗୁଣପୁର ଥାନା କେସ ନଂ ୧୭୧/୨୨ରେ ଦଫା ୧୨୦(ବି),୧୪୩,୧୪୭,୪୫୨, ୩୫୩, ୩୨୩, ୫୦୬, ୧୪୯,୭ ସିଆରଏଲ୍ ଆକ୍ଟରେ ମାମଲାରୁଜୁ ହୋଇଛି।

ସୂଚନାଯୋଗ୍ୟ ସୋମବାର ଜିଲାପାଳ ଗୁଣପୁରକୁ ଅଭିଯୋଗ ଶୁଣାଣି ପାଇଁ ଆସିଥିଲେ। କତୁରୁ ଗ୍ରାମବାସୀ ବାଲି ଉଠାଣକୁ ବିରୋଧ କରି ଅଭିଯୋଗ ପତ୍ର ଦାଖଲକରିଥିଲେ। ବାଲି ଉଠାଣ ନେଇ ସମସ୍ତ ପ୍ରକ୍ରିୟା ସରିଛି। ବାଲି ଲିଜ ଦେବା ଦ୍ୱାରା ରାଜସ୍ୱ ମିଳିବା ଏହାକୁ ବନ୍ଦ କରାଯାଇ ପାରିବ ନାହିଁ ବୋଲି ଜିଲାପାଳ କହିଥିଲେ। ଜିଲାପାଳ ଅଭିଯୋଗ ଶୁଣାଣି ସାରି ଗାଡ଼ିରେ ବସି ଫେରିବା ସମୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ବାହାରେ ଲୋକମାନେ ଜିଲାପାଳଙ୍କ ଗାଡି ସମ୍ମୁଖରେ ବସି ବାଲି ଉଠାଣ ବନ୍ଦ ଦାବି କରିଥିଲେ। ଜିଲାପାଳ ଗାଡି ଛାଡି ଚାଲିଚାଲି ସେଠାରୁ ଯାଇଥିଲେ। ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ଉପସ୍ଥିତିରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପୋଲିସ ଜିଲାପାଳଙ୍କୁ ନେବାବେଳେ ଲୋକେ ତାଙ୍କ ପିଛା କରି ବିରୋଧ କରିଥିଲେ। ଏହା ମଧ୍ୟରେ ପୋଲିସ ଓ ଲୋକଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ରାଜସ୍ୱ ବଙ୍ଗଳା ନିକଟରେ ଜିଲାପାଳ ଗାଡିରେ ଯିବାକୁ ଚାହିଁଥିବାବେଳେ ସେଠାରେ ମଧ କତୁରୁ ଗ୍ରାମବାସୀ ତାଙ୍କୁ ଛାଡି ନ ଥିଲେ। କଡା ସୁରକ୍ଷା ବଳୟରେ ରାଜସ୍ୱ ବଙ୍ଗଳା ମଧ୍ୟକୁ ଜିଲାପାଳଙ୍କୁ ନିଆଯାଇଥିଲା। ଶେଷରେ ଜିଲାପାଳ କତୁରୁ ଗ୍ରାମର ୧୦ଜଣଙ୍କ ଆଲୋଚନା ପାଇଁ ଡାକିଥିଲେ। ଆଲୋଚନା ସମୟରେ ଲୋକମାନେ ଗାଁକୁ ଆସି ସମସ୍ୟା ଦେଖିବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ସମସ୍ୟା ଶୁଣିବା ପରେ ଲିଜ ଅଞ୍ଚଳ ସହ ଗାଁକୁ ଯାଇ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିବା ପରେ ଉତ୍ତେଜନା ଶାନ୍ତ ପଡିଥିଲା।

# ଗୁଡ଼ାରି ବ୍ଲକରେ ପହଞ୍ଚିପାରିନି ପୂର୍ତ୍ତ ବିଭାଗ ରାସ୍ତା

ଗୁଡ଼ାରି,୨୦।୯(ଡି.ଏନ୍.ଏ.)

- ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ
- ରାସ୍ତାରେ ବଡ଼ ବଡ଼ ଗାତ, ଗଛ ପଡ଼ି ଏବେ ସଂକୀର୍ଣ୍ଣ

ରାୟଗଡ଼ା ଜିଲା ଗୁଡ଼ାରି ଏନ୍‌ଏସିକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାଗୁଡ଼ିକରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟିହେବା ସହ ଉଭୟ ପାର୍ଶ୍ୱରେ ଗଛ ଉଠି ରାସ୍ତା ସଙ୍କୁଚିତ ହେବାରେ ଲାଗିଛି।

ମୁଖ୍ୟତଃ ନାଇରା ଛକରୁ ଗୁଡ଼ାରିକୁ ସଂଯୋଗ କରୁଥିବା ପ୍ରାୟ ୮ କି.ମି. ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିବାବେଳେ ବୋଲିଗୁଡ଼ା କାଜୁତୋଟା ନିକଟରେ ଦୀର୍ଘଦିନ ହେଲା ଗଛ ପଡ଼ି ରାସ୍ତା ସଙ୍କୁଚିତ ହୋଇଛି। ସେହିପରି ପଦ୍ମପୁରରୁ ଗୁଡ଼ାରିକୁ ସଂଯୋଗ କରୁଥିବା ରାସ୍ତାରେ ମୁରୁକିପଦର ଛକରୁ ଗଡ଼ାରି ପର୍ଯ୍ୟନ୍ତ ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ହେଲେ ରାସ୍ତାର ଅନେକ ସ୍ଥାନରେ ପାଣି ଜମି ରହୁଛି। ଏହି ରାସ୍ତାଦେଇ ପ୍ରତିଦିନ ଦୁଇଚକିଆ, ବସ୍ ସମେତ ଭାରିଯାନ ଚଳାଚଳ କରିଥାଏ। ଫଳରେ ମରାମତିର କିଛି ମାସ ପରେ ପୁଣି ରାସ୍ତା ନଷ୍ଟହେବା ସହ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।



ନାଇରା ଛକରୁ ଗୁଡ଼ାରିକୁ ସଂଯୋଗ କରୁଥିବା ବୋଲିଗୁଡ଼ା ନିକଟ ରାସ୍ତାରେ ଗର୍ତ୍ତ।

ସହରର ମୁଖ୍ୟ ସଡ଼କଗୁଡ଼ିକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିବାରୁ ଅଳ୍ପ କେତୋଟି ଭାରିଯାନ ଚଳାଚଳ କଲେ ରାସ୍ତା ନଷ୍ଟ ହୋଇଯାଉଛି। ଗୁଡ଼ାରି ସହର ନିକଟସ୍ଥ ସୌରାସାହିରୁ ବଂଶଧାରା ସେତୁକୁ ସଂଯୋଗ କରୁଥିବା ରାସ୍ତା ଏବଂ ନୂତନ ବସ୍‌ଷ୍ଟାଣ୍ଡ ଛକରୁ ବିର୍ସାନାଳ ସେତୁକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ମଧ ଶୋଚନୀୟ। ନିୟମିତ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଉଭୟ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ଘଟୁଛି। ସୂଚନାଯୋଗ୍ୟ, ରାୟଗଡ଼ା ଜିଲାରେ ଏକମାତ୍ର ବ୍ଲକ ଭାବେ ଗୁଡ଼ାରିରେ ଏ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ପହଞ୍ଚିପାରିନାହିଁ। ଏହା ଜିଲା ପ୍ରଶାସନ ଏବଂ ପୂର୍ତ୍ତବିଭାଗର ଗୁଡ଼ାରି ବ୍ଲକ ପ୍ରତି ଅବହେଳାକୁ ପଦାରେ ପକାଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତାଗୁଡ଼ିକୁ ଶୀଘ୍ର ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବା ନିମନ୍ତେ ଦାବି ହେଉଛି। ରାସ୍ତା ମରାମତି ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ନାଇରାରୁ ଗୁଡ଼ାରିକୁ ସଂଯୋଗ କରୁଥିବା ରାସ୍ତାର ମରାମତି ନିମନ୍ତେ ଟେଣ୍ଡର ପ୍ରକ୍ରିୟା ସରିଛି। ଦଶହରା ପରେ କାର୍ଯ୍ୟ ଆରମ୍ଭ ହେବ। ସେହିପରି ମୁରୁକିପଦରରୁ ଗୁଡ଼ାରି ପର୍ଯ୍ୟନ୍ତ ରାସ୍ତାର ଟେଣ୍ଡର ପ୍ରକ୍ରିୟା ଶୀଘ୍ର ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### କାଗଜକଳ ଅବସରପ୍ରାପ୍ତ ଶ୍ରମିକଙ୍କ ବିକ୍ଷୋଭ

ଜୟପୁର,୨୦।୯(ନି.ପ୍ର.)-ଜୟପୁର କାଗଜକଳ ଅବସରପ୍ରାପ୍ତ ଶ୍ରମିକମାନେ ମଙ୍ଗଳବାର ସେମାନଙ୍କ ବକେୟା ପାଉଣା, ଇପିଏଫ୍ ଜମା ଟଙ୍କା ଓ ପେନ୍‌ସନ ପାଇଁ ସକାଳ ୮ଟାରୁ ଅଧ ଘଣ୍ଟାଏ ଧରି ପ୍ରତୀକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ବକେୟା ପାଉଣା , ଇପିଏଫ୍ ପାଇବା ନେଇ ଏକ ବ୍ୟାନରରେ ହିନ୍ଦୀ ଭାଷାରେ ଲେଖି ପ୍ରତିବାଦ ଜଣାଇଛନ୍ତି। ଏଯାଏ ସେମାନେ ସେମାନଙ୍କ ବକେୟା ପାଉଣା, ଇପିଏଫ୍ ପେନ୍‌ସନ ନ ପାଇବା ନେଇ ପ୍ରଶ୍ନ ଉଠାଇଛନ୍ତି। ୨୭ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ଅବସର ପରଠାରୁ ଇତିମଧ୍ୟରେ ମୃତ୍ୟୁ ଘଟିଲାଣି। ସେମାନଙ୍କ ପରିବାର ଅତ୍ୟନ୍ତ କଷ୍ଟରେ ଚଳୁଛନ୍ତି। ବହୁ ଦାବି ପରେ କମ୍ପାନୀ ଶ୍ରମିକମାନଙ୍କ ବକେୟା ପାଉଣାର ହିସାବ ତାଲିକା ଦେଇଥିଲେ ମଧ୍ୟ ସେଥିରେ ୫,୫୦୦ ଟନ୍ ମାସିକ ଉତ୍ପାଦନ ହାସଲ ହେଲେ ବକେୟା ଟଙ୍କା ପ୍ରଦାନ କରାଯିବ ବୋଲି ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ କାରଖାନାରେ କଞ୍ଚାମାଲ, କେମିକାଲ ଓ କୋଇଲା ଆବଶ୍ୟକ ପରିମାଣରେ ରହୁ ନ ଥିବାରୁ କାରଖାନା ଅଧା ଦିନ ବନ୍ଦ ରହୁଛି। ଶ୍ରମିକଙ୍କ ସମସ୍ୟା ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଶ୍ରମିକ ନେତା ପ୍ରମୋଦ ମହାନ୍ତି କହିଛନ୍ତି।

### ଜୟପୁର ଏୟାରପୋର୍ଟ ଜମି ଅଧିଗ୍ରହଣ ନେଇ ଜନଶୁଣାଣି

ଜୟପୁର,୨୦।୯(ନି.ପ୍ର.)-ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏୟାରପୋର୍ଟ ଜମି ଅଧିଗ୍ରହଣ ପାଇଁ ମଙ୍ଗଳବାର ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଅନୁସାରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଅଧିନିୟମର ଧାରା ୧୪ ଅନୁଯାୟୀ ଏହି ଜନଶୁଣାଣି କରାଯାଇଥିଲା। କୋରାପୁଟ ଜିଲା ଜୟପୁର ତହସିଲ ଅଧୀନରେ ଜୟପୁର ଏୟାରପୋର୍ଟ ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ଲାଗି ଘରୋଇ ଜମି ଅଧିଗ୍ରହଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଥିପାଇଁ ୧ ଏକର ୯୪ ସେଣ୍ଟ ଜମି ଅଧିଗ୍ରହଣ ହେବ। ଜନଶୁଣାଣି ସମୟରେ ୩ ଜଣ ଜମିମାଲିକଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ସେମାନେ କ୍ଷତିପୂରଣ ନେଇ ଏୟାରପୋର୍ଟ ପାଇଁ ଜମି ଦେବାକୁ ସହମତି ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ସେମାନେ ସରକାରଙ୍କ ସୁବିଧା ସୁଯୋଗ ନିୟମ ଅନୁଯାୟୀ ପାଇବେ। ଏହି ଜନଶୁଣାଣିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ରାମେଶ୍ୱର ପ୍ରଧାନ, ଉପଜିଲାପାଳ ବେଦବର ପ୍ରଧାନ, ତହସିଲଦାର ପ୍ରଧାନ ଚୁକ୍ଳି ଆମ୍ମା, ଏବିଡିଓ ମନୋଜ ନାୟକ, ଆଃଆଇ ବ୍ରଜରଞ୍ଜନ ବିଶ୍ୱାଳ, ଉମୁରି ସରପଞ୍ଚ ସବିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏୟାରପୋର୍ଟ ପାଇଁ ସୌରାଗୁଡ଼ା ଅଞ୍ଚଳର ଜମି ଅଧିଗ୍ରହଣ ହେବ।

### ପରିତ୍ୟକ୍ତ ଗୃହକୁ ଭାଙ୍ଗିଲା ପୌର ପ୍ରଶାସନ



ଜୟପୁର,୨୦।୯(ନି.ପ୍ର.)-ଜୟପୁର ପୌର ପରିଷଦ ପକ୍ଷରୁ ପୁରୁଣା ପରିତ୍ୟକ୍ତ ହୋଇ ପଡ଼ିଥିବା ଗୃହକୁ ଭଙ୍ଗାଯାଇଛି। ପୁରୁଣା ଫାୟାର ଷ୍ଟେଶନ ଗ୍ରାଉଣ୍ଡରେ ଥିବା ସ୍କୁଲଗୃହ ଭଙ୍ଗାଯାଇଛି। ଗତ ଦିନରେ ଏଠାରେ ସ୍କୁଲ ଚାଲୁଥିଲା। ସ୍କୁଲ ମିଶ୍ରଣ ହେବା ପରେ ଏହି ସ୍କୁଲ ଗୃହ ପରିତ୍ୟକ୍ତ ଅବସ୍ଥାରେ ଥିଲା। ଏଠାରେ ଅସାମାଜିକ କାର୍ଯ୍ୟ ଚାଲୁଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ମଙ୍ଗଳବାର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଓ ପୌର କର୍ମଚାରୀ ପୋଲିସ ଉପସ୍ଥିତିରେ ଜେସିବି ଲଗାଇ ଏହି ପରିତ୍ୟକ୍ତ ଗୃହକୁ ଭାଙ୍ଗି ଦେଇଛନ୍ତି।

# ବିଭିନ୍ନ ସମସ୍ୟାରେ ରୁଞ୍ଜାଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟ

ଦଶମନ୍ତପୁର,୨୦।୯( ଡି.ଏନ.ଏ.)



ବିଦ୍ୟାଳୟ ପରିସରରେ ଥିବା ନଳକୂପରୁ ପାଣି ବାହାରୁନାହିଁ।

- ୪ ମାସ ନ ହେଉଣୁ ଉଇ ଖାଇଗଲାଣି ବିଦ୍ୟାଳୟ କବାଟ
- ୭ ବଦଳରେ ଅଛନ୍ତି ୪ ଶିକ୍ଷକ
- ସ୍ୱଚ୍ଛ ପାନୀୟ ଜଳ, ବିଦ୍ୟୁତ୍ ସହ ପାଚେରି ନାହିଁ
- ସବୁ ସମସ୍ୟା ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି: ପ୍ରଧାନ ଶିକ୍ଷୟିତ୍ରୀ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତର ରୁଞ୍ଜାଗୁଡ଼ା ଗ୍ରାମରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବିଭିନ୍ନ ସମସ୍ୟାରେ ଚାଲିଛି। ୧୯୫୪ରେ ସ୍ଥାପିତ ଏହି ବିଦ୍ୟାଳୟ ୫-ଟିରେ ସାମିଲ ହୋଇଥିଲା। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଯାଏ ୨୨୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୫-ଟି ବିଦ୍ୟାଳୟରେ ୯ମରୁ ୧୦ମ ଶ୍ରେଣୀରେ ୯୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବହୁ ସମସ୍ୟାରେ ଚାଲୁଛି। ବିଦ୍ୟାଳୟରେ ୭ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳରେ ଅଛନ୍ତି ମାତ୍ର ୪ ଜଣ। ଛାତ୍ରୀଛାତ୍ରଙ୍କ ତୁଳନାରେ କମ୍ ଶିକ୍ଷକ ଥିବାରୁ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ଫଳରେ ଜଣେ ଜଣେ ଶିକ୍ଷକ ନିଜ ବିଷୟ ବ୍ୟତୀତ ଅନ୍ୟ ବିଷୟ ପଢ଼ାଉଥିବା ଦେଖିବାକୁ ମିଳୁଛି। ବିଦ୍ୟାଳୟରେ ଆବଶ୍ୟକ ପାଚେରି ନ ଥିବାରୁ ପାର୍କିଂ ସମସ୍ୟା ରହିଛି। ୫-ଟିରେ ସାମିଲ ହୋଇଥିଲେ ହେଁ ସ୍ୱଚ୍ଛ ପାନୀୟ ଜଳ ମୁନ୍ଦେ ଛାତ୍ରୀଛାତ୍ର ପାଇପାରୁନାହାନ୍ତି। ରହିଥିବା ନଳକୂପରୁ ଗୋଳିଆପାଣି ବାହାରୁଛି। ଶୌଚାଳୟ ଓ ବିଦ୍ୟୁତ୍ ସମସ୍ୟା ମଧ୍ୟ ରହିଛି। ବିଦ୍ୟାଳୟର ଖେଳ ପଡ଼ିଆ ନାହିଁ। ଜୁନ୍ ୧୦ରେ ବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଇ ଉଦ୍‌ଘାଟନ କରାଯାଇଥିଲା। ୪ ମାସ ନ ହେଉଣୁ ବିଦ୍ୟାଳୟଗୁଡ଼ିକରେ ଲଗାଯାଇଥିବା କବାଟଗୁଡ଼ିକ ଉଇ ଖାଇ ନଷ୍ଟହେବାକୁ ବସିଲାଣି। ବିଦ୍ୟାଳୟର ବିଭିନ୍ନ ସମସ୍ୟାନେଇ ଛାତ୍ରୀଛାତ୍ର ଅଭିଯୋଗ କରୁଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତାରାଣୀ ଦାସଙ୍କୁ ପଚାରିବାରୁ କହିଲେ, ସେ ବିଦ୍ୟାଳୟର ଅନେକ ସମସ୍ୟା ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ବିଦ୍ୟାଳୟର ପାନୀୟ ଜଳ ଦୂରନେଇ ବ୍ୟବସ୍ଥା କରାଯିବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏସ୍.ଏ. କୁରେଶୀ କହିଛନ୍ତି।

# ଦଳ ବିରୋଧୀ କାର୍ଯ୍ୟ ପାଇଁ ୨ ବହିଷ୍କୃତ



କୋରାପୁଟ ନଗର ବିଜେଡି ସଭାପତି ସୁରେଶ ପଟ୍ଟନାୟକ ସୂଚନା ଦେଉଛନ୍ତି।

କୋରାପୁଟ,୨୦।୯(ସ୍ୱ.ପ୍ର.)

କୋରାପୁଟ ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ତ୍ରିନାଥ ପାତ୍ର ଓ ପୂର୍ବତନ କାଉନସିଲର ରାମଚନ୍ଦ୍ର ମାଝିଙ୍କୁ ଦଳ ବିରୋଧୀ ମନ୍ତବ୍ୟ ଯୋଗୁ ଦଳରୁ ବହିଷ୍କୃତ କରାଯାଇଥିବା କୋରାପୁଟ ନଗର ବିଜେଡି ସଭାପତି ସୁରେଶ ପଟ୍ଟନାୟକ ସୂଚନା ଦେଇଛନ୍ତି। କିଛି ଦିନ ତଳେ କୋରାପୁଟଠାରେ ବିଜୁ ଜନତା ଦଳର କେତେକ ନେତା ଓ କର୍ମୀମାନେ ଦଳର ବିନା ଅନୁମୋଦନରେ ଏକ ବୈଠକ କରି ଦଳୀୟ ନେତୃବୃନ୍ଦଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ କରି ଦଳ ବିରୋଧରେ ମତ ଦେଇଥିଲେ। ଏହାକୁ ନେଇ ମଙ୍ଗଳବାର ସ୍ଥାନୀୟ ବିଜୁ ପାଠାଗାରରେ ନଗର ବିଜେଡିର ଏକ ବୈଠକ ବସିଥିଲା। ବୈଠକରେ ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ଉତ୍କଳ ରଞ୍ଜନ ନାୟକ, ବିଧାୟକ ରଘୁରାମ ପଡାଲ, ପର୍ଯ୍ୟବେକ୍ଷକ ସୂର୍ଯ୍ୟ ନାରାୟଣ ରଥ, ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜୋନାଲ ସମ୍ପାଦକ ରଘୁରାମ ମାଛ, ନଗର ଜୋନ ସଭାପତି ଜୟନ୍ତ ମିଶ୍ର, ସୀମା ମିଶ୍ର, ଅଶ୍ୱିନୀ ସାହୁ, ତୁଷାର ମହାପାତ୍ର, ରାଜୁ ଖରା ଓ କୋରାପୁଟ ପୌର ପରିଷଦର କାଉନସିଲରମାନେ ଉପସ୍ଥିତ ଥିଲେ। ବୈଠକରେ ସବିଶେଷ ଆଲୋଚନା ପରେ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ତ୍ରିନାଥ ଓ ପୂର୍ବତନ କାଉନସିଲର ରାମଚନ୍ଦ୍ରଙ୍କୁ ସର୍ବସମ୍ମତି କ୍ରମେ ଦଳରୁ ବହିଷ୍କାର କରିବାକୁ ନିଷ୍ପତି ନିଆଯାଇଥିଲା। ପରେ ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ଅନୁମୋଦନକ୍ରମେ ଏହି ଦୁଇ ନେତାଙ୍କୁ ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ବହିଷ୍କାର କରାଯାଇଥିବା ଜଣାଯାଇଛି। ବିଶୃଙ୍ଖଳାକାରୀଙ୍କୁ ଦଳରେ ସ୍ଥାନ ନାହିଁ ବୋଲି ପାଣିଗ୍ରାହୀ କହିଛନ୍ତି।



ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଉଭୟ ଦଳର ଖେଳାଳି ।

## ସ୍କୁଲ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେଲେ ମନ୍ତ୍ରୀ

ରାୟଗଡ଼ା ଅଫିସ,୨୦।୯

ରାୟଗଡା ଜିଲା ସଦର ବ୍ଲକ ଡାଙ୍ଗଲୋଡି ପଞ୍ଚାୟତର ପେନିକଣା ଗ୍ରାମରେ ଥିବା ଜିଲା ମଙ୍ଗଳ ବିଭାଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଲାଗି ରହିଥିବା ଅବ୍ୟବସ୍ଥା ଦେଖି ଅସନ୍ତୋଷ ବ୍ୟକ୍ତ କଲେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ,ପଛୁଆ ବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ଓ ଆଇନ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା। ବିଦ୍ୟାଳୟକୁ ଅଚାନକ ଗସ୍ତ କରି ମନ୍ତ୍ରୀ ସାରକା ସ୍କୁଲ ପରିସରରେଥିବା ଅନ୍ତେବାସୀଙ୍କ ହଷ୍ଟେଲଗୁଡିକ ପରିଦର୍ଶନ କରିଥିଲେ। ହଷ୍ଟେଲରେ ଅନ୍ତେବାସୀଙ୍କ ପାଇଁ ମିଳୁଥିବା ସୁବିଧା ସୁଯୋଗଗୁଡିକ ଉପରେ ପ୍ରଧାନଶିକ୍ଷକ ଡମ୍ବୁରୁଧର କନ୍ଦପାଣିଙ୍କୁ ପଚାରି ବୁଝିଥିଲେ। ହଷ୍ଟେଲ ଅନ୍ତେବାସୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନ ଥିବା, ରୁମ୍‌ଗୁଡିକ ଅପରିଷ୍କାର ହୋଇ ରହିଥିବା ଏବଂ ଅନେକାଂଶରେ ପଙ୍ଖା ନ ଥିବା,ପିଲାଙ୍କୁ ଶୋଇବା ପାଇଁ ବେଡ ଦିଆଯାଇ ନ ଥିବା ଦେଖି ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଛାତ୍ରୀ ନିବାସ ଅନ୍ତେବାସୀ ହଷ୍ଟେଲ ପାଚେରୀ ବୃଦ୍ଧି, କମ୍ପ୍ୟୁଟର ଶିକ୍ଷା ଓ ଶିକ୍ଷକ ନିଯୁକ୍ତି ନିମନ୍ତେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସମାଧାନ ପାଇଁ ମନ୍ତ୍ରୀ ସାରକା ପ୍ରତିଶ୍ରୁତି ଦେଇଥିଲେ। ହାଇସ୍କୁଲରେ ଯୁକ୍ତ ୨ ଅଧ୍ୟୟନ ପାଇଁ ପଦକ୍ଷେପ ନେବାକୁ ପୂର୍ବତନ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଲାଲବିହାରୀ ହିମିରିକା ପ୍ରସ୍ତାବ ଦେଇଥିଲେ। ଏହି ଗସ୍ତ ସମୟରେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ରାୟଗଡା ବ୍ଲକ ଅଧ୍ୟକ୍ଷା ଚୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ଜିଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପୁଲାକା, ରାୟଗଡା ଜିଲା ବିଜେଡି ମହିଳା ସଭାନେତ୍ରୀ ଅନୁସୂୟା ମାଝି, ଚନ୍ଦ୍ରକାନ୍ତ ସାମଲ, ଅମ୍ବିକା ବିଡିକା ଉପସ୍ଥିତ ଥିଲେ।

# ଉଦ୍‌ଘାଟନୀ ମ୍ୟାଚରେ ଦଶମନ୍ତପୁର ବିଜୟୀ

ଦଶମନ୍ତପୁର,୨୦।୯(ଡି.ଏନ୍.ଏ.)

**ବାଣୁଆଗୁଡ଼ାରେ ଫୁଟ୍‌ବଲ ଟୁର୍ନାମେଣ୍ଟ**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ବାଣୁଆଗୁଡ଼ା ପଡ଼ିଆରେ ମା' ନିଶାଣୀମୁଣ୍ଡା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବିଧାୟକ ପ୍ରଭୁ ଜାନି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଚାଉଳକନ୍ତି ଓ ଦଶମନ୍ତପୁର ମଧ୍ୟରେ ହୋଇଥିଲା। ୪୫ ମିନିଟ୍ ବ୍ୟବଧାନରେ ଚାଲିଥିବା ମ୍ୟାଚରେ ଦୁଇ ଦଳଙ୍କ ପଏଣ୍ଟ ସମାନ ହେବାରୁ ଦଶମନ୍ତପୁର-ଚାଉଳକନ୍ତି ମଧ୍ୟରେ ପେନାଲ୍‌ଟିକ ମ୍ୟାଚ ହୋଇଥିଲା। ଏଥିରେ ଦଶମନ୍ତପୁର ଚାଉଳକନ୍ତିକୁ ପରାସ୍ତକରି ବିଜୟୀ ହୋଇଥିଲା। ମଙ୍ଗଳବାର ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ମହେନ୍ଦ୍ର କୁଳଦୀପ, ଧନେଶ୍ୱର ବିଶୋୟୀ,ବିଜେଡି ଯୁବଜନତା ସଭାପତି ଆଶିଷ ଚେଟିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଏମ୍‌ପିଭି ୮୧ରେ କ୍ରିକେଟ ଟୁର୍ନାମେଣ୍ଟ

ଏମଭି୭୯,୨୦।୯(ଡି.ଏନ.ଏ)

ମଙ୍ଗଳବାର ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ପିଭି- ୮୧ ଗ୍ରାମରେ ଦୁର୍ଗା ପୂଜା ଉପଲକ୍ଷେ ଜୟ ମା ଦୁର୍ଗା ଟ-୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ଗ୍ରାମ ସଭାପତି କମଳ ମଣ୍ଡଳ,ନିତାଇ ଦେ, ଅରୁଣ ମଣ୍ଡଳ ପ୍ରମୁଖ ଏହି ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟ ୧୬ଟି ଦଳକୁ ନେଇ ଆୟୋଜିତ ହୋଇଛି। ଉଦଘାଟନୀ ମ୍ୟାଚ ଏମଭି-୧୩୧ ଏବଂ ଏମଭି-୫୭ ମଧ୍ୟରେ ହୋଇଥିଲା। ବର୍ଷା ଯୋଗୁ ମ୍ୟାଚ ୧୬ ଓଭର ବିଶିଷ୍ଟ ହୋଇଥିଲା। ଏମଭି ୫୭ ଦଳ ନିର୍ଦ୍ଧାରିତ ଓଭରରେ ୨୩୬ ରନ କରିଥିବା ବେଳେ ବିପକ୍ଷ ଦଳ ଏମଭି-୧୧୩ ଦଳ ସମସ୍ତ ଉଇକେଟ ହରାଇ ୧୧୦ କରି ପରାସ୍ତ ହୋଇଥିଲା।

# ଗୋଟିଏ ସ୍ଥାନରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ଥିବା କର୍ମଚାରୀ ବଦଳିବେ

ସୁନାବେଡ଼ା,୨୦।୯(ସ୍ୱ.ପ୍ର.)

କୋରାପୁଟ ଆର୍ ଆଣ୍ଡ ବି ଅଧୀନ ସେମିଳିଗୁଡ଼ା, କୋରାପୁଟ ଏବଂ ନନ୍ଦପୁରରେ ପୂର୍ତ୍ତ ବିଭାଗରେ ୩ ଜଣ କନିଷ୍ଠ ଯନ୍ତ୍ରୀ ଗୋଟିଏ ସ୍ଥାନରେ ୧୦ବର୍ଷରୁ ଉର୍ଦ୍ଧ୍ୱ ହେଲା କାର୍ଯ୍ୟ କରି ଆସୁଥିଲେ। କୌଣସି ପ୍ରକାରେ ସେମାନଙ୍କ ବଦଳି ହେଉ ନ ଥିଲା। ଫଳରେ ଉପରିସ୍ଥ ଅଧିକାରୀଙ୍କୁ ପ୍ରଭାବିତ କରି ବିଭିନ୍ନ ଦୁର୍ନୀତି କରାଯାଉଥିବା ଅଭିଯୋଗ ହୋଇ ଆସୁଥିଲା। ଅନେକ ସମୟରେ ମିଥ୍ୟା ବିଲ୍ କରି କୋଟି କୋଟି ଟଙ୍କା ହଡ଼ପ କରାଯାଉଥିବା ନେଇ ଖବର ଗତ ୧୧ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାର ଶୀର୍ଷକ 'ବାର୍ଷିକ ମରାମତି ନାଁରେ ୩ କୋଟି ଚଳୁ' ରହିଥିଲା। ଏହି ଖବର ପ୍ରକାଶ ପରେ ପୂର୍ତ୍ତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭାଗ ତା'ର ଚିଠି ନଂ. ୩୪୯୫୨ରେ ଗୋଟିଏ ସ୍ଥାନରେ ୧୦ବର୍ଷରୁ ଅଧିକ କାର୍ଯ୍ୟ କରିଥିବା ସମସ୍ତ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ୧୪ ତାରିଖରେ ନିର୍ଦ୍ଦେଶ ଦେଇଛି। ଏହି ନିର୍ଦ୍ଦେଶ ଶୀଘ୍ର କାର୍ଯ୍ୟକାରୀ କରିବାକୁ ମଧ୍ୟ ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ନିୟମ ଅନୁଯାୟୀ କୌଣସି ପଦାଧିକାରୀ ଗୋଟିଏ ସ୍ଥାନରେ ୩/୪ ବର୍ଷ ରହିବା କଥା। ମାତ୍ର କୋରାପୁଟ ଜିଲାରେ ଅନେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି।

# ୩୮୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି,୨୦।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡିଆ ସଦର ଥାନା ପୋଲିସ ଚୋରା ଗଞ୍ଜେଇ ଚାଲାଣ ବେଳେ ଏହାକୁ ଜବତ କରିବା ଏଥିରେ ସମ୍ପୃକ୍ତ ଗଂଜେଇ ଜଣଙ୍କୁ ଗିରଫ କରଛି। ସୋମବାର ରାତିରେ ପଡିଆ ଥାନା ଅଧିକାରୀ ସୁନିଲ ସୋରେନ୍, ଏସ୍.ଆଇ. ଲିମାଇ ଚରଣ ପଣ୍ଡା, ବିଜୟ ବାଇନଙ୍କ ସହ ଏକ ଟିମ୍ ପଡିଆ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ କାଲିମେଳା ପଟୁ ଛତିଶଗଡ ଆଡକୁ ଏକ ମିନି ଭ୍ୟାନ ଦ୍ରୁତଗତିରେ ଯାଉଥିବା ଦେଖି ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡିରୁ ୩୮୦ କେଜି ଗଞ୍ଜେଇ ମିଳିଥିଲା। ଏଥିରେ ସମ୍ପୃକ୍ତ ଗାଡି ଡ୍ରାଇଭରଙ୍କୁ ଗିରଫ କରାଯାଇଛି।



ଜବତ ଗଞ୍ଜେଇ ।

# ଜିଲାପାଳଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି

ମାଲକାନଗିରି,୨୦।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ମୋଟୁ ଠାରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟୁ ତହସିଲ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଶୁଣାଣିରେ ଜିଲାପାଳ ଉପସ୍ଥିତ ରହି ୮୪ଟି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗଗୁଡିକ ମଧ୍ୟରେ ମୋଟୁ ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମର ସମସ୍ୟା ଥିଲା। ବହୁ ଗ୍ରାମରେ ରାସ୍ତା ନ ଥିବା, ବିଜୁଳି, ଶିକ୍ଷା ଭଳି ଅଭିଯୋଗ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ମୋଟୁ ତହସିଲଦାର ଦୁର୍ଗା ପ୍ରସାଦ ଦୋରା, କାଲିମେଳା ବିଡିଓ ଉମା ଶଙ୍କର ବିଡିଓ, ଅତିରିକ୍ତ ଏସପି ବଳଭଦ୍ର ଦୀପଙ୍କ ସହ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଚିତ୍ରାଙ୍ଗପାଲ୍ଲୀ ଗ୍ରାମରେ ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ବିବାଦ



ଏକାଠି ହୋଇଥିବା ଦୁଇ ସମ୍ପ୍ରଦାୟର ଗ୍ରାମବାସୀ ।

ମାଲକାନଗିର,୨୦।୯ (ଡି.ଏନ୍.ଏ.)

**ଏକାଠି ହେଲେ ଗ୍ରାମବାସୀ**

ମାଲକାନଗିରି ଜିଲାରେ ଦିନକୁ ଦିନ ସମ୍ପ୍ରଦାୟ ମଧ୍ୟରେ ବିବାଦ ସୃଷ୍ଟି ହେବାର ଲାଗିଛି। ଗତ କିଛି ମାସ ତଳେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ଓ ଆଦିବାସୀମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିବା ବେଳେ ପୁନର୍ବାର ଏପରି ଘଟଣା ସାମନାକୁ ଆସିଛି। କାଲିମେଳା ବ୍ଲକ ଚିତ୍ରାଙ୍ଗପାଲ୍ଲୀ ଗ୍ରାମରେ ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଗ୍ରାମର ଆଦିବାସୀ ମାନେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟକୁ ବିରୋଧ କରି ଏକାଠି ହୋଇଛନ୍ତି। ୨୦୧୮ ରେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକମାନେ ଆଦିବାସୀଙ୍କୁ ନିଜର ସମ୍ପ୍ରଦାୟ ଛାଡି ଖ୍ରୀଷ୍ଟ ସମ୍ପ୍ରଦାୟରେ ମିଶିବା ପାଇଁ ପ୍ରବର୍ତ୍ତାଉଥିଲେ । ଏ ସମ୍ବନ୍ଧରେ ଆମେମୋଟୁ ତହସିଲଦାରଙ୍କୁ ଜଣାଇଲା ପରେ ବିବାଦର ସମାଧାନ ହୋଇଥିଲଶ ବୋଲି ଗ୍ରାମବାସୀ କହିଛନ୍ତି। ପୁନର୍ବାର ଗତ କିଛି ମାସ ହେବ ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ଲୋକମାନେ ଆମ ଗ୍ରାମରେ ଆସି ରହୁଛନ୍ତି। ସେମାନେ ଏଠାରେ ରହିବା ଫଳରେ ଆମର କୌଣସି କ୍ଷତି ନାହିଁ କି ଆମେ ତାଙ୍କର ପୂଜାପାଠକୁ ବିରୋଧ କରୁନାହୁଁ। ମାତ୍ର କେତେକ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ ଆମ ଆଦିବାସୀମାନଙ୍କୁ ପୁନର୍ବାର ଧର୍ମ ବଦଳାଇବାକୁ ଉଦ୍ୟମ କରୁଛନ୍ତି। ଫଳରେ ଆମେ ଏହାକୁ ବିରୋଧ କରୁଛୁ ବୋଲି ସେମାନେ ପ୍ରକାଶ କରିଛନ୍ତି। ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଏହାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୪ କି.ମି. ବର୍ଷାରେ ଚାଲିଚାଲି ଯାଇ ଧାରଣା ଦେଲେ ଛାତ୍ରୀଛାତ୍ର

ରାଇଘର, ୨୦।୯(ଡି.ଏନ୍.ଏ.)

**ସ୍କୁଲରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ ଦାବି**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗଞ୍ଜାପାରାସ୍ଥିତ ଆଦର୍ଶ ବିଦ୍ୟାଳୟରେ ଦୀର୍ଘଦିନରୁ ଖାଲିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ମଙ୍ଗଳବାର ଛାତ୍ରୀଛାତ୍ର ବିଇଓ ଅଫିସ ଆଗରେ ଧାରଣାରେ ବସିଥିଲେ। ବର୍ଷାରେ ଭିଜିଭିଜି ଦୀର୍ଘ ୪ କି.ମି ଚାଲିଚାଲି ଆସି ସେମାନେ ସେସ୍କୁଲ ଅଧ୍ୟକ୍ଷ ଓ ବ୍ଲକ ଶିକ୍ଷା ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ସହ ୧୦ ଦିନ ମଧ୍ୟରେ ସମସ୍ୟା ସମାଧାନ ହେବା ନେଇ ପ୍ରତିଶ୍ରୁତି ଦେବାପରେ ଛାତ୍ରୀଛାତ୍ର ଧାରଣାରୁ ହଟିଥିଲେ।

ସ୍କୁଲରେ ରସାୟନ ବିଜ୍ଞାନ, ହିନ୍ଦୀ, ସଂସ୍କୃତ, କଳା ଏବଂ ସଙ୍ଗୀତ ଶିକ୍ଷକ ନାହାନ୍ତି। ଫଳରେ ଏଠାରେ ଗୁଣାତ୍ମକ ଶିକ୍ଷା ମିଳିବାରେ ବାଧା ଦେଖାଦେଉଥିବା ନେଇ ଛାତ୍ରୀଛାତ୍ର ଅଭିଯୋଗ କରି ଆସୁଥିଲେ। କିନ୍ତୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେବାରୁ ମଙ୍ଗଳବାର ବାଧ୍ୟ ହୋଇ ବିଦ୍ୟାଳୟର ଛାତ୍ରୀଛାତ୍ର ଗଞ୍ଜାପାରାରୁ ରାଇଘର ବ୍ଲକ ପର୍ଯ୍ୟନ୍ତ ବର୍ଷାରେ ଭିଜି ଭିଜି ପ୍ରାୟ ୪ କିଲୋମିଟର ଚାଲି ଚାଲି ଆସି ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣା ଦେଇଥିଲେ। କେଇଟା ମାସ ପରେ ପରୀକ୍ଷା ହେବାକୁ ଥିବାବେଳେ ସ୍କୁଲରେ ଶିକ୍ଷକ ନାହାନ୍ତି। ଫଳରେ ପାଠପଢ଼ାରେ ଅସୁବିଧା ହେଉଛି ବୋଲି ଧାରଣାରେ ବସିଥିବା ଛାତ୍ରୀଛାତ୍ର କହିଛନ୍ତି। ତୁରନ୍ତ ଶିକ୍ଷକ ନିଯୁକ୍ତି କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ବିଇଓ ଇଶ୍ୱର ଚନ୍ଦ୍ର ମାଝି ଅନୁପସ୍ଥିତ ଥିବାରୁ ଏବିଇଓ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚି ବୁଝାଶୁଝା କରିଥିଲେ। ଡିଇଓ ପ୍ରଦୀପ ନାଗଙ୍କ ସହ ଫୋନ୍‌ରେ ଥା କରାଇଥିଲେ। ୧୦ ଦିନ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ସମସ୍ୟା ଦୂର କରିବା ପାଇଁ ସେ ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଧାରଣାରୁ ହଟିଥିଲେ। ଏହି ସମୟରେ ସ୍କୁଲ ଅଧ୍ୟକ୍ଷ ସୁସେନ ଡାଲି ଉପସ୍ଥିତ ଥିଲେ।




ଧାରଣାରେ ବସିଥିବା ଛାତ୍ରୀଛାତ୍ର।

